# ORISSA LEGISLATIVE ASSEMBLY

## PROCEEDINGS

**SECOND ASSEMBLY—THIRTEENTH SESSION**

**WEDNESDAY, THE 21ST FEBRUARY 1951**

**Vol. XIII—No. 3**

# OFFICIAL REPORT

CONTENTS


**Questions and Answers**

**Point of order raised regarding publication of Budget figures in newspapers**

**Suggestion for fixation of time for reading of Budget Speech after the business for that day is over**

**Speech of Hon'ble the Chief Minister, Orissa, in introducing the Budget Estimates for the year 1951-52**

**Papers laid on the Table :**

- **Amendments to the Orissa Grama Panchayats Rules, 1949**
- **Notification published in *Orissa Gazette* under sub-section (2) of section 133 of the Motor Vehicles Act, 1939**

**Motion regarding the formation of Estimates Committee and adoption of rules of procedure for the Estimates Committee (Adopted)**

**Motion for election of members to Estimates Committee (Nominations invited)**



SUPERINTENDENT, ORISSA GOVERNMENT PRESS, CUTTACK

1951

*Price—As. 4 or 5d.* ମୂଲ୍ୟ ଚାରିଅଣା

## *SPEECH OF THE HON'BLE THE CHIEF MINISTER, ORISSA, IN INTRODUCING THE BUDGET ESTIMATES FOR THE YEAR 1951-52

ମହାଶୟ !

ଭାରତ ସାଧାରଣତନ୍ତ୍ର ପ୍ରତିଷ୍ଠିତ ହେବାପରେ ଆମ୍ଭମାନଙ୍କ ସରକାରର ଏହା ଦ୍ୱିତୀୟ ବଜେଟ । ପ୍ରଥମ ବଜେଟ ଗତ ବର୍ଷ ପୂର୍ବ ମୁଖ୍ୟମନ୍ତ୍ରୀ ଶ୍ରୀ ହରେକୃଷ୍ଣ ମହତାବ ଉପସ୍ଥାପିତ କରିଥିଲେ ।

ଆମ୍ଭମାନଙ୍କର ଶାସନ ବିଧାନରେ ସାଧାରଣତଃ ବ୍ରିଟିଶ ପଦ୍ଧତି ଓ କାର୍ଯ୍ୟବିଧି ଗ୍ରହଣ କରାଯାଇଅଛି । ସରକାରର ରାଜସ୍ୱକୁ ନେଇ ସମ୍ମିଳିତ ପାଣ୍ଠି (Consolidated Fund) ଗଠିତ । ସରକାରର ଅନ୍ୟାନ୍ୟ ସାଧାରଣ ଅର୍ଥକୁ ସରକାରର ସାଧାରଣ ହିସାବରେ ଜମା କରାଯାଏ । ଅପ୍ରତ୍ୟାଶିତ ଖର୍ଚ୍ଚ ଯଥା:—ଅତିରିକ୍ତ, ଅଧିକା ଖର୍ଚ୍ଚ ପାଇଁ ବ୍ୟବସ୍ଥାପକ ସଭା ମଞ୍ଜୁର ଦେବା ଆଗରୁ ସେହି ଖର୍ଚ୍ଚ ଚଳାଇବା ପାଇଁ ଗୋଟିଏ ଜରୁରୀକାଳୀନ ପାଣ୍ଠି ଗଠିତ ହୋଇଅଛି । ବ୍ୟବସ୍ଥାପକ ସଭା ମଧ୍ୟ ହିସାବ ସଂପର୍କୀୟ ଭୋଟ (Votes on Account) ଓ ଜମା ସଂପର୍କୀୟ ଭୋଟ (Votes on Credit) କୁ ଦେଇ ପାରିବେ । କେବଳ ଆଇନ ଅନୁସାରେ ଅର୍ଥକୁ ପାଣ୍ଠିରେ ବିନିଯୋଗ କରାଯାଇ ପାରିବ । ତାହାଛଡ଼ା ଅନ୍ୟଭାବରେ କୌଣସି ଅର୍ଥ ବିନିଯୋଗ କରାହୋଇ ପାରିବନାହିଁ । ଏ ବ୍ୟବସ୍ଥା ବ୍ରିଟିଶ ଅର୍ଥ ବିନିଯୋଗ ବ୍ୟବସ୍ଥାର ଅନୁରୂପ ହୋଇଅଛି । ବ୍ୟବସ୍ଥାପକ ସଭାରେ ବଜେଟ ସମ୍ବନ୍ଧରେ ଆଲୋଚନା ହେବା ପରେ ଓ ଧାର୍ଯ୍ୟ ହୋଇଥିବା ଖର୍ଚ୍ଚ ବ୍ୟତୀତ ମଞ୍ଜୁରି ସଂପର୍କୀୟ ଦାବୀକୁ ବ୍ୟବସ୍ଥାପକ ସଭା ମଞ୍ଜୁର କରିସାରିଲା ପରେ ସେହି ସବୁ ଅର୍ଥ ମଞ୍ଜୁର ହୋଇଥିବ, ସେସବୁକୁ ପାଣ୍ଠିରେ ବିନିଯୋଗ କରିବାର ବ୍ୟବସ୍ଥା କରିବାପାଇଁ ଗୋଟିଏ ବିଲ ଉପସ୍ଥାପିତ ହୁଏ ।

*English speech attached as Appendix A

[21st February 1951]

ଏହି ବିଲ୍ ଆଇନରେ ପରିଣତ ହେଲେ ସରକାରୀ କର୍ତ୍ତୃପକ୍ଷ ଏହି ଆଇନକୁ ଭିତ୍ତି କରି ଟଙ୍କା ଖର୍ଚ୍ଚ କରିବାର ଅନୁମତି ପାଇବେ । ପ୍ରକୃତ ବଜେଟର ଖଣ୍ଡିକାଣ୍ଡି ଆଲୋଚନା କରିବା ପୂର୍ବରୁ ଅତୀତର ରାଜନୈତିକ ଓ ଐତିହାସିକ ଘଟଣାବଳୀପ୍ରତି ଦୃଷ୍ଟି ରଖି ବଜେଟକୁ ପେଶ କରିବାପାଇଁ କେତେକ ସାଧାରଣ ମନ୍ତବ୍ୟ ପ୍ରତି ଅନୁଧ୍ୟାନ ଦେବା ନିମନ୍ତେ ଏବଂ ବଜେଟର ଅନ୍ତର୍ନିହିତ ନୀତି ଓ ଦୃଷ୍ଟି କୋଣକୁ ଠିକ୍‌ରୂପେ ବସ୍ତୁର କରିବା ସକାଶେ ଆପଣମାନେ ଯେପରି ସମର୍ଥ ହେବେ, ସେଥିନିମନ୍ତେ ମୁଁ ଆପଣମାନଙ୍କୁ ନିବେଦନ କରୁଅଛି ।

ବ୍ୟବସ୍ଥାପକ ସଭାରେ ବାରମ୍ବାର କୁହାଯାଉଛି ଯେ ରାଜ୍ୟର ପ୍ରୟୋଜନସବୁ ବଜେଟ ଦ୍ୱାରା ନିର୍ଣ୍ଣୟ କରାଯାଏ ନାହିଁ, ବରଂ ରାଜ୍ୟର ପ୍ରୟୋଜନକୁ ଦୃଷ୍ଟିରେ ରଖି ବଜେଟ ତିଆରି ହେବା ଉଚିତ । ତେଣୁ ମୁଁ ଯେଉଁ ବଜେଟ ବ୍ୟବସ୍ଥାପକ ସଭା ଆଗରେ ଉପସ୍ଥାପିତ କରିବାକୁ ଯାଉଛି, ସେଥିରେ ପୁନର୍ବାର ସାଢେ ୧୪ ଲକ୍ଷ ଟଙ୍କା ନିଅଣ୍ଟ ପଡିବାକଥା କିଛି ବିଚିତ୍ର ନୁହେଁ । ଏଥିରେ ଆପଣମାନେ ଆଶ୍ଚର୍ଯ୍ୟ ହୁଅନ୍ତୁ ନାହିଁ ମୁଁ ଜାଣେ ଏପରି ଗୋଟିଏ ନିଅଣ୍ଟିଆ ବଜେଟ ସୁଖର ବିଷୟ ନୁହେଁ । ଯେତେବେଳେ ଆମ୍ଭେମାନେ ଏ ମଙ୍ଗଳବିଧାୟକ ରାଷ୍ଟ୍ରର Welfare State ଆଦର୍ଶ ଦିଗରେ ବଢୁଥିବା ଖର୍ଚ୍ଚସହିତ ତାଳପକାଇବା ପାଇଁ ଆମ୍ଭମାନଙ୍କର ରାଜସ୍ୱ ବଢାଇ ପାରିବା, ଆମ୍ଭମାନଙ୍କର ସେତେବେଳେ ମଙ୍ଗଳ ହେବ । ମାତ୍ର ଯଥାର୍ଥତଃ ଯୁକ୍ତି କରା-ଯାଇପାରେ ଯେ ଅନାବଶ୍ୟକ ବା ଅଳ୍ପ ଆବଶ୍ୟକ ଖର୍ଚ୍ଚ କମାଇବା ପାଇଁ ଅପଚୟ ଓ ବାଜେ ଖର୍ଚ୍ଚ ବନ୍ଦ କରିବା ପାଇଁ ଖର୍ଚ୍ଚ ନ ବଢାଇବା ବରଂ କାର୍ଯ୍ୟନିପୁଣତା ଓ ଉତ୍ପାଦନ ବଢାଇବା ଲାଗି ଆମ୍ଭେମାନେ ବ୍ୟବସ୍ଥା କରିଥିଲେ ଭଲ ହୋଇଥାନ୍ତା । ଏପରି ଯୁକ୍ତି କରୁଥିବା ଲୋକେ ବର୍ତ୍ତମାନ ପରିସ୍ଥିତିର ଜଟିଳତମ ବିଷୟଗୁଡ଼ିକ ଭୁଲି ଯାଆନ୍ତି । ତାହା ହେଉଅଛି ଭାରତରେ ଶାନ୍ତିପୂର୍ଣ୍ଣ ଭାବରେ କ୍ଷମତା ହସ୍ତାନ୍ତର ହୋଇଥିବା ଯୋଗୁଁ ଆମ୍ଭମାନଙ୍କର ନିଜର ଗୋଟିଏ ନୂଆ ଶାସନ କଳ ସ୍ଥାପନ କରିବା ଯେପରି ଅସମ୍ଭବ, ସେହିପରି ବା ତାଠାରୁ ଅଧିକ ଅନାବଶ୍ୟକ ହେଲା । ଦେଶ ଗୋଟିଏ ହିଂସାତ୍ମକ ବିପ୍ଳବଜନିତ ଗୁରୁତର ଧକ୍କା ଓ ତାର ପରବର୍ତ୍ତୀ ପରିଣାମରୁ ରକ୍ଷା ପାଇଲା ଏବଂ ସେଥିପାଇଁ ଦେଶକୁ ପ୍ରକୃତ ମୂଲ୍ୟ ଦେବାକୁ ପଡିଲା, କାରଣ ଜୀବନରେ ବିନା ମୂଲ୍ୟରେ କୌଣସି ଜିନିଷ ମିଳେ ନାହିଁ । ନୂଆଦିଲ୍ଲୀ ଓ ପ୍ରାଦେଶିକ ରାଜଧାନୀ ମାନଙ୍କରେ ଶାସନ କରୁଥିବା ବିଦେଶୀ ଶାସକମାନଙ୍କ ସ୍ଥାନରୁ ଶାନ୍ତିପୂର୍ଣ୍ଣ ଭାବରେ ଅଧିକାର କରି ଆମ୍ଭେମାନେ ଯେ କେବଳ ଗୋଟିଏ ପ୍ରତିଷ୍ଠିତ ଶାସନର ଦକ୍ଷତା ଓ ଦୃଢତା ଉତ୍ତରାଧିକାରୀ ରୂପରେ ଲାଭ କଲୁଁ ତାହା ନୁହେଁ, ବରଂ ଏହା ସଙ୍ଗେ ସଙ୍ଗେ ମଧ୍ୟ ଏକ ବ୍ୟୟସାପେକ୍ଷ ଓ ବିରାଟ ଧରଣର ଶାସନ କଳର ଅଧିକାରୀ ହେଲୁଁ । ଏହି ଶାସନକଳ ଜାତୀୟତାବାଦୀ ଭାରତର ଚକ୍ଷୁଶୂଳ ହୋଇ ପଡିଥିଲା । ବିଦେଶୀମାନଙ୍କର ଦେଶର ମଙ୍ଗଳ ବିଧାନପାଇଁ ପ୍ରତିଷ୍ଠିତ ହୋଇ ନ ଥିବା ଶାସନକଳକୁ ସଜାଡିବା ଓ ପରିବର୍ତ୍ତନ କରିବା ଅପେକ୍ଷା ନିଜ ପସନ୍ଦ ଅନୁଯାୟୀ ଗୋଟିଏ ନୂଆ ଶାସନକଳ ପ୍ରତିଷ୍ଠା କରିବା ସବୁବେଳେ ଅପେକ୍ଷାକୃତ ସହଜ ହୋଇଥିବାର ଦେଖାଯାଏ । ଯୁଦ୍ଧୋତ୍ତର କାଳର କଠିନ ସମସ୍ୟା ଏବଂ ଶକ୍ତ ସାମ୍ପ୍ରଦାୟିକ ଗଣ୍ଡଗୋଳ ଫଳରେ ଦେଶ ବିଭକ୍ତ ହୋଇ ଯେଉଁ ସମସ୍ୟା ଉପୁଜିଲା ସେ ସମସ୍ତ ସମସ୍ୟାର ସମ୍ମୁଖୀନ ହୋଇ ଆମ୍ଭମାନଙ୍କର ନେତୃବର୍ଗ ପୁରୁଣା ପଦ୍ଧତି ଓ କାର୍ଯ୍ୟବିଧି ସମ୍ବଳିତ ଶାସନକଳକୁ ସଂଶୋଧନ କରିବାରେ କିମ୍ବା ସଜାଡିବାରେ ମୁଣ୍ଡ ନ ଖେଳାଇ ଯାହା ଆଗ କରିବାର କଥା, ତାହା ଆଗ ସମ୍ପାଦନ କରି କାର୍ଯ୍ୟକ୍ଷେତ୍ରରେ ବାସ୍ତବ ଜ୍ଞାନର ପରିଚୟ ଦେଇଅଛନ୍ତି । ଏହା ପ୍ରକୃତରେ ବଡ ଆଶ୍ଚର୍ଯ୍ୟ କଥା ଯେ ବିଭିନ୍ନ ସ୍ତରରେ ଥାଇ ଶାସନ ଚଳାଉଥିବା ବ୍ରିଟିଶ କର୍ମଚାରୀମାନେ ଏ ପରିବର୍ତ୍ତନକୁ ସ୍ୱତଃ ଆଦରି ନେଲେ ଏବଂ ଆମ୍ଭମାନଙ୍କର ଜାତୀୟ ନେତାମାନଙ୍କର ଆଦେଶକୁ ବିଶ୍ୱସ୍ତଭାବରେ ମାନି ନେଲେ ଏବଂ ଭାରତ ଗଡଜାତ ଦ୍ୱିଗୁଣ ଓ ବିଦେଶୀ ରାଜ୍ୟ, ମିଳିତ ଜାତି ସଂଘର ଅଧିବେଶନ ଓ ଉକ୍ତ ସଂଘର କମିଟିମାନଙ୍କରେ ରାଷ୍ଟ୍ରଦୂତ ଓ ପ୍ରତିନିଧି ହିସାବରେ ସ୍ୱାଧୀନ ଭାରତର ବୈଦେଶିକ ନୀତିର ସୁଷ୍ଠୁ ପ୍ରତିନିଧିତ୍ୱ କରିବା ଇତ୍ୟାଦି ନୂତନ ଓ ବିରାଟ କାର୍ଯ୍ୟ ସମ୍ପନ୍ନ କରିବାକୁ ସମର୍ଥ ହେଲେ । ଆମ୍ଭମାନଙ୍କର ଓଡ଼ିଶା ରାଜ୍ୟ ବିଷୟରେ ଆଲୋଚନା କରିବାକୁ ଯାଇ ମୁଁ ମୋର ପୂର୍ବବର୍ତ୍ତୀ ସ୍ୱନାମଧନ୍ୟ ମୁଖ୍ୟମନ୍ତ୍ରୀଙ୍କ ବଜେଟ ବକ୍ତୃତାର ପ୍ରାରମ୍ଭିକ ଅନୁଚ୍ଛେଦ ଉଦ୍ଧାର କରିବା ଛଡା ଆଉ ଅଧିକ କିଛି କରିପାରୁ ନାହିଁ ।

[Hon'ble Sri Nabakrushna Choudhury]

ଏହାଦ୍ୱାରା ପ୍ରଥମରୁ ଆମ୍ଭମାନଙ୍କୁ ବର୍ଷକ ଭିତରେ କେଉଁ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଲା ସେ ବିଷୟରେ ଆପଣମାନେ ଠିକ୍‌ଭାବରେ ଧାରଣା କରି ପାରିବେ । ସେ କହିଥିଲେ—"୧୯୪୭ ମସିହାଠାରୁ ମୋତେ ଏ ବ୍ୟବସ୍ଥାପକ ସଭାରେ ଓଡ଼ିଶାର ବଜେଟ ଆଗତ କରିବାକୁ ପଡୁଅଛି । ବଜେଟ ଆଗତ କରିବା ମୋ ପକ୍ଷରେ ଏଇଟା ହେଲା ପଞ୍ଚମ ଥର । ୧୯୪୭ ମସିହା ଓ ୧୯୫୧ ମସିହା ଭିତରେ ଏ ଦେଶ ଭିତରେ ଏବଂ ଏ ଦେଶର ଏ ଅଞ୍ଚଳରେ ଏତେ ଗୁରୁତର ପରିବର୍ତ୍ତନ ଘଟିଯାଇଅଛି ଯେ ନୂଆ ଶାସନ ବିଧାନ ଅନୁସାରେ ବର୍ତ୍ତମାନ କଥିତ ହେଉଥିବା ଓଡ଼ିଶା ଷ୍ଟେଟ ( ବା ରାଜ୍ୟ ) ର ସବୁ ବିଷୟ ଧାରାବାହିକ ଭାବରେ ଯୋଜନାମତେ କାର୍ଯ୍ୟକାରୀ ହେବା ଭଳି ଶାଣରେ ସବୁ କଥାକୁ ଅବସ୍ଥାକୁ ସୁଦ୍ଧାଁ ସଜାଡନେବା ମୋ ପଦବୀରେ ଥିବା ଲୋକ ପକ୍ଷରେ କଷ୍ଟକର ହେବାର କଥା । ପରିବର୍ତ୍ତନ ଗୁଡ଼ିକ ଏତେ ଚଞ୍ଚଳ ଘଟିଛି ଏବଂ ସେସବୁ ଏତେ ବହୁଳ ଯେ ଏହି ସଙ୍କଟଜନକ ଓ ଐତିହାସିକ କ୍ଷଣରେ ଅର୍ଥମନ୍ତ୍ରୀ ହିସାବରେ ପ୍ରବଳ ଉଦ୍ୟମ କଲେ କଣ ହେବ, ସେସବୁ ପରିବର୍ତ୍ତନ ଆମ୍ଭମାନଙ୍କୁ ନାନାପ୍ରକାର ଜଟିଳତାରେ ଆଣି ପକାଉଅଛି । ସେ ଜଟିଳତାକୁ ଏଡ଼ି ଦେଇ ହେବ ନାହିଁ । ଆମ୍ଭମାନଙ୍କୁ ସମସ୍ତଙ୍କୁ ସାହସ ସହକାରେ ଅବଶ୍ୟ ତାହାର ସମ୍ମୁଖୀନ ହେବାକୁ ହେବ ଏବଂ ତାହାର ସମାଧାନ ପାଇଁ ଚେଷ୍ଟା କରିବାକୁ ପଡିବ ।"

ଯୋଜନା ଥାଉ ବା ନ ଥାଉ, ସେ ଯେ ସାହସର ସହିତ ସବୁ ବାଧାର ସମ୍ମୁଖୀନ ହେଉଥିଲେ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ଏବଂ ତାଙ୍କର ଅସାଧାରଣ ରାଜନୈତିକ ଅନ୍ତର୍ଦୃଷ୍ଟି ଓ ଅସୀମ ଶକ୍ତିବଳରେ ସେ ଏ ରାଜ୍ୟର ମୂଳଦୁଆ ପକାଇବାକୁ ଏବଂ ଏହାର ଅର୍ଥନୈତିକ ବିକାଶର ପ୍ରଶସ୍ତ ଓ ଦୃଢ଼ ଭିତ୍ତି ସ୍ଥାପନ କରିବାକୁ ସମର୍ଥ ହୋଇଥିଲେ । ବର୍ତ୍ତମାନ ଆମ୍ଭମାନଙ୍କୁ ସେହି ମୂଳଦୁଆ ଉପରେ ନିର୍ମାଣ କାର୍ଯ୍ୟ କରିବାକୁ ହେବ । ତାହାହେଲେ ନୂତନ ଓ ସମୃଦ୍ଧିଶାଳୀ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ ହେବ । ଆମ୍ଭମାନଙ୍କର ବର୍ତ୍ତମାନର ଅର୍ଥନୈତିକ ଅସୁବିଧା ଯେପରି ଆମ୍ଭମାନଙ୍କର ମନର ବଳକୁ ଦବେଇ ନ ଦିଏ, ଆମ୍ଭମାନଙ୍କର ସେଥିପାଇଁ ତତ୍ପର ହେବା ଉଚିତ । ଆମ୍ଭେମାନେ ଯେପରି ନ ଭାବୁଁ ଯେ ମୂଳଦୁଆ ଅମର ସାମାନ୍ୟ ସମ୍ବଳକୁ ସୁଦ୍ଧାଁ ଅତୁର ନିସ୍ତବ୍ଧ ହେବା ଛଡ଼ା ଉପାୟ ନ ଥିଲା । ପରନ୍ତୁ ନିର୍ଦ୍ଦିଷ୍ଟ ସମୟ ଭିତରେ ସମସ୍ତ ଯୋଜନା ଶେଷ କରିବାର ଆମ୍ଭମାନଙ୍କର ଯେଉଁ ସଙ୍କଳ୍ପ ଅଛି, ବିପଦଦ୍ୱାରା ବରଂ ତାହା ଦୃଢ଼ୀଭୂତ ହେବା ଉଚିତ । ଯଦି ଯେତିକି ଚୂନାକୁ ସେତିକି ପିଠା ନୀତି ଆମ୍ଭେମାନେ ଗ୍ରହଣ କରୁଁ, ତାହା ହେଲେ ଚିରକାଳ ନ ହେଲେ ମଧ୍ୟ ଅନେକ କାଳ ଆମ୍ଭମାନଙ୍କୁ ଉପାସ ରହିବାକୁ ହେବ । ପେଟ ପୂରିବା ପାଇଁ ପିଠା କରିବାକୁ ଯେତିକି ଚୂନା ଦରକାର ସେତିକି ଚୂନା କୁଟିବା ପାଇଁ ଆବଶ୍ୟକ ଶସ୍ୟ ପେଷିବା ଯେପରି ପ୍ରତ୍ୟେକ ଉଦ୍ୟମଶୀଳ ଲୋକର କର୍ତ୍ତବ୍ୟ, ନିଜର ସର୍ବାଙ୍ଗୀନ ପ୍ରଗତି ନିମନ୍ତେ ଅର୍ଥ ସଙ୍ଗତି ଯୋଗାଡ କରିବା ମଧ୍ୟ ସେ କୌଣସି ପ୍ରଗତିଶୀଳ ରାଜ୍ୟର ଲକ୍ଷ୍ୟ ହେବା ଉଚିତ । ମୁଖ୍ୟମନ୍ତ୍ରୀ ହିସାବରେ ମୁଁ କେବଳ ସାଧାରଣ ସଭାସମିତିରେ ବକ୍ତୃତା ଦେଲାବେଳେ ଯେ ଏ ବିଷୟ ଉପରେ ଜୋର ଦିଏ ତାହା ନୁହେଁ ; କାର୍ଯ୍ୟକ୍ଷେତ୍ରରେ ଗତ କେତେ ମାସ ଭିତରେ ରାଜସ୍ୱ ବୃଦ୍ଧି କରିବାପାଇଁ ଏହି ସଭାରେ ସ୍ୱୀକୃତ ହୋଇଥିବା କେତେକ ବ୍ୟବସ୍ଥା କରି ଉକ୍ତ ନୀତି ଅନୁସରଣ କରିବା ମୋର କର୍ତ୍ତବ୍ୟ ବୋଲି ମୁଁ ଠିକ୍ କରିଛି । ମୋର ସ୍ଥିର ବିଶ୍ୱାସ ଅଛି ଯେ, ଆମ୍ଭେମାନେ ଯଦି କେବଳ ଦୁର୍ନୀତି, ଅପାରଗତା ଏବଂ ଲୋକମୁଖରେ ଲାଲଫିତାର କାରମତି ବୋଲି ପରିଚିତ କାମକୁ ଫଳପ୍ରଦଭାବରେ ଲୋପକରି ଦେଇପାରୁଁ ଏବଂ ଏହାଦ୍ୱାରା ସର୍ବସାଧାରଣଙ୍କଠାରୁ ଆଦାୟ ହେଉଥିବା ପ୍ରତ୍ୟେକଟି ଟଙ୍କା ଯେପରି ଯଥାର୍ଥରୂପେ ଖର୍ଚ୍ଚ ହେବ, ତାହାର ବ୍ୟବସ୍ଥା କରୁଁ, ତାହାହେଲେ ଓଡ଼ିଶାର ଜନସାଧାରଣ ବିଶେଷ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେବାପାଇଁ କରରୂପେ ବା ଋଣରୂପେ ସରକାରଙ୍କୁ ଟଙ୍କା ଦେବା ନିମନ୍ତେ ଅନିଚ୍ଛୁକ ହେବେ ନାହିଁ । ସମ୍ପ୍ରତିରେ ଉକ୍ତ ଉନ୍ନୟନ ସଂକ୍ରାନ୍ତ ଋଣ ମଫସଲରୁ ଉଠାଇବାପାଇଁ ଆମ୍ଭମାନଙ୍କୁ ଅନୁମତି ଦେବା ସକାଶେ ମୁଁ ଭାରତ ସରକାରଙ୍କ ଉପରେ ଚାପ ପକାଇ ଆସୁଅଛି । ଆମ୍ଭେମାନେ ବର୍ତ୍ତମାନ ଯେତେ ଆୟ କରୁଛୁ ତା ଅପେକ୍ଷା

ବେଶୀ ଖର୍ଚ୍ଚ କରୁଛୁ କିମ୍ବା ଆମେ ବହୁତ ଋଣ କରୁଛୁ । ଏଥିରୁ କେହ ଯେପରି ସନ୍ଦେହ ନ କରନ୍ତି ଯେ ଆମ୍ଭେମାନେ ଦେବାଳିଆ ହୋଇଗଲୁଣି । ଆମ୍ଭମାନଙ୍କ ଦେଶରେ ଭୂମି, ଜଳ, ଖଣି, ଜଙ୍ଗଲ ପ୍ରଭୃତି ଯେଉଁ ପ୍ରାକୃତିକ ସମ୍ପଦ ଅଛି, କୃଷି ଓ ଶିଳ୍ପ ଉନ୍ନୟନ ନିମିତ୍ତ ଯେଉଁ ଶ୍ରମିକ ଶକ୍ତି ବର୍ତ୍ତମାନ ସୁଦ୍ଧା ଆମ୍ଭମାନଙ୍କର ଅଛି, ଆମ୍ଭେମାନେ ଯେଉଁ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରୁଅଛୁଁ, ସେ ସବୁ ଶେଷ ହେଲେ କେତେକ ବର୍ଷ ଭିତରେ ଯେଉଁ ଜଳୀୟ ବିଦ୍ୟୁତ୍‌ଶକ୍ତି ମିଳିବ ତାହା ଆମ୍ଭମାନଙ୍କର ସମ୍ପଦ ସ୍ୱରୂପ ଏବଂ ସେସବୁ ସମ୍ପଦ ବଳରେ ଆମ୍ଭେମାନେ ଆହୁରି ବହୁତ ଖର୍ଚ୍ଚ ତୁଲାଇ ପାରିବା ଏବଂ ପ୍ରଚୁର ଟଙ୍କା ଖଟାଇ ପାରିବା । ଏ ରାଜ୍ୟରେ ସଂକୀର୍ଣ୍ଣ ସମ୍ପ୍ରଦାୟିକତା, ପ୍ରାଦେଶିକତା ବା 'ବାମପନ୍ଥୀ ଦଳର ବିପ୍ଳବବାଦ''କୁ ଆମ୍ଭେମାନେ ଉଠେଇବାକୁ ଅବକାଶ ଦେଇନାହୁଁ ; ଏ ବିଷୟରେ ଆମ୍ଭମାନଙ୍କର ଯଥାର୍ଥରେ ଗର୍ବ କରିବାର କଥା । ଏହି ବ୍ୟବସ୍ଥାପକ ସଭାରେ ଯେଉଁ ଶ୍ରମିକ ଓ କୃଷି-ମାନଙ୍କର ଆମ୍ଭେମାନେ ପ୍ରତିନିଧି, ଗତିପରିବର୍ତ୍ତନଶୀଳ ଶିଳ୍ପ ଓ କୃଷିକାର୍ଯ୍ୟରେ ସେମାନଙ୍କୁ ନିଯୁକ୍ତ କରି ସେମାନଙ୍କର ଜୀବନଯାପନ ପ୍ରଣାଳୀକୁ ଉନ୍ନତ କରିବା ଦ୍ୱାରା ଆମ୍ଭେମାନେ ତୁରନ୍ତ ସେମାନଙ୍କର ଶ୍ରେଷ୍ଠ ସେବା କରି ପାରିବା ବୋଲି ଆମ୍ଭମାନଙ୍କର ହୃଦ୍‌ବୋଧ ହୋଇଅଛି । ଧନୀଲୋକମାନେ ଯଦି ପରିବର୍ତ୍ତିତ ଅବସ୍ଥା ସଙ୍ଗେ ସେମାନଙ୍କୁ ଖାପ ଖୁଆଇ ନିଅନ୍ତି ଏବଂ ଅନ୍ୟମାନଙ୍କ ଝାଳବୁହା ଶ୍ରମରେ ସ୍ୱଭାବତଃ ଧନୀ ପାଲଟି ଯିବାର ଅନ୍ଧ ଓ ଆତ୍ମଘାତୀ ଲାଳସା ତ୍ୟାଗ କରନ୍ତି, ତାହାହେଲେ ବ୍ୟକ୍ତିଗତ କୃଷି ଓ ଶିଳ୍ପ ପ୍ରଚେଷ୍ଟା ପାଇଁ ଯଥେଷ୍ଟ ସୁଯୋଗ ରହିବ । ବେସରକାରୀ କୃଷି ଓ ଶିଳ୍ପ ପ୍ରଚେଷ୍ଟା କରୁଥିବା ଲୋକେ, ଜନ ସାଧାରଣ ବର୍ତ୍ତମାନ ଯେପରି ଧରଣର ଜୀବନଯାପନ କରୁଅଛନ୍ତି, ସେହି ଜୀବନଯାପନ ପ୍ରଣାଳୀକୁ ଉନ୍ନତତର କରିବାକୁ ଯଦି ମନ ବଳାନ୍ତି, ତାହାହେଲେ ଏ ଦେଶରେ ଏବେ ମଧ୍ୟ ଅନ୍ୟାନ୍ୟମାନଙ୍କୁ ସେମାନେ ନେତୃତ୍ୱ ଦେଇ ପାରିବେ । ସାମନ୍ତ ଯୁଗରେ ଯେଉଁ ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି ହୋଇଥିଲା ଏବଂ ଇଂରେଜ ସାମ୍ରାଜ୍ୟବାଦ ଅମଳରେ ମଧ୍ୟ ଲାଗି ରହିଥିଲା, ସେ ସବୁକୁ କେତେକ ଲୋପ କରିବା ପାଇଁ ଆଜି ଜନସାଧାରଣ ଇଚ୍ଛୁକ । ଏହି ବୈଷମ୍ୟ ଲୋପ କରିବା ନିମନ୍ତେ ସେମାନେ ଇତିହାସରେ ପ୍ରଥମଥର ରାଜନୈତିକ କ୍ଷମତାହାସଲ କରିପାରି ଅଛନ୍ତି । କିନ୍ତୁ ଆମ୍ଭମାନଙ୍କ ଭିତରୁ ଯେଉଁମାନେ ଆଜି ସ୍ୱତ୍ୱକ୍ରମେ ଅଧିକ ସୁବିଧା ସୁଯୋଗର ଅଧିକାରୀ ହୋଇଅଛନ୍ତି ସେମାନେ ଯଦି ଜନସାଧାରଣଙ୍କ ସେ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରନ୍ତି, ତାହାହେଲେ ଦେଶ ମଧ୍ୟରେ ଥିଲାବାଲା ଓ ନଥିଲାବାଲା ମାନଙ୍କ ମଧ୍ୟରେ ଉତ୍କଟ ଶ୍ରେଣୀ ସଂଘର୍ଷ ଲାଗି ଦେଶର ସମସ୍ତ ଶାନ୍ତିପୂର୍ଣ୍ଣ ପ୍ରଗତି ଓ ବିକାଶକୁ ନଷ୍ଟ ପଛେଇ ଦେବ ଏବଂ ଦେଶର ସ୍ୱାଧୀନତାକୁ ମଧ୍ୟ ସଂକଟାପନ୍ନ କରିଦେବ । ଏହା ପରିବର୍ତ୍ତେ ସେମାନଙ୍କ ଆଗରେ ଯେଉଁ ସବୁ ସୁଯୋଗ ରହିଅଛି, ସେମାନେ ଯଦି ପୂର୍ବରୁ ତାହାର ସଦୁପଯୋଗ କରନ୍ତି ଏବଂ ଶିଳ୍ପକାର୍ଯ୍ୟ ବା ବଡ଼ ଧରଣର କୃଷିକାର୍ଯ୍ୟ କରିବାପାଇଁ ଅଗ୍ରଣୀ ହୋଇ ବାହାରନ୍ତି, ତେବେ ସେମାନଙ୍କର ଓ ସମଗ୍ର ଦେଶର ଭବିଷ୍ୟତ ଗୌରବମୟ ହେବ । ଆଉ ପାଞ୍ଚବର୍ଷ ମଧ୍ୟରେ ହୀରାକୁଦ ଓ ମାଛକୁଣ୍ଡ ଯୋଜନାମାନଙ୍କରୁ ଆମେ ଓଡ଼ିଶାରେ ପ୍ରଚୁର ପରିମାଣରେ ଜଳୀୟ ବିଦ୍ୟୁତଶକ୍ତି ପାଇ ପାରିବା । ବିଦ୍ୟୁତ୍ ପ୍ରବାହ ପାଇଁ ପ୍ରଧାନ ସର୍କିଟ୍ (ବା ସରବରାହ ପଥ) ମଧ୍ୟରୁ ଗୋଟିଏ ହୀରାକୁଦଠାରୁ କଟକ ଓ ଆଉ ଗୋଟିଏ ଝାରସୁଗୁଡ଼ା ଦେଇ ରାଜଗାଙ୍ଗପୁର ଓ ତୃଣମୁଣ୍ଡି ଜାମସେଦପୁର ପର୍ଯ୍ୟନ୍ତ ଯିବ ଓ ପରେ ଆବଶ୍ୟକତା ଅନୁଯାୟୀ ନାଗପୁର ଓ ମାଛକୁଣ୍ଡ ପର୍ଯ୍ୟନ୍ତ ଅନ୍ୟ ଲାଇନମାନ ଖୋଲିଯିବ । ୧୯୫୬ ମସିହା ଶେଷ ସୁଦ୍ଧା ରାଜଗାଙ୍ଗପୁର ପର୍ଯ୍ୟନ୍ତ ଓ ୧୯୫୩ ମସିହା ଶେଷ ସୁଦ୍ଧା କଟକ ପର୍ଯ୍ୟନ୍ତ ଲାଇନ ଖୋଲିବା କାମ ଶେଷ ହେବ ବୋଲି ମନସ୍ଥ ହୋଇଅଛି । ଶାଖା ବିଦ୍ୟୁତ୍ ସରବରାହ ଲାଇନମାନଙ୍କ ସାହାଯ୍ୟରେ ଦେଶର ଗାଁ ଗହଳକୁ ବିଦ୍ୟୁତ୍‌ଶକ୍ତି ଯୋଗାଇବାକୁ ଯୋଜନା ତିଆରି ହୋଇ ସାରିଛି ଓ ଏଥିପାଇଁ ଟଙ୍କା ପଇସା ମିଳିବା ସଙ୍ଗେ ସଙ୍ଗେ କାର୍ଯ୍ୟ ଆରମ୍ଭ ହୋଇଯିବ । ବେଲ୍ପାହାଡ଼ (ଆମ୍ଭମାନଙ୍କର ପ୍ରଧାନ ଖୋଟ ଉତ୍ପାଦନ ଅଞ୍ଚଳ ), ଜଗତସିଂହପୁର, ଭୁବନେଶ୍ୱର, ଖୋର୍ଦ୍ଧାରୋଡ଼, ପୁରୀ, ଢେଙ୍କାନାଳ ଓ ଅନୁଗୁଳ ଆଦି ସ୍ଥାନମାନଙ୍କୁ ବିଦ୍ୟୁତ୍‌ଶକ୍ତି ଯୋଗାଇଦିଆଯିବ । ହୀରାକୁଦରୁ ବିଦ୍ୟୁତଶକ୍ତି ମିଳିବ

[Hon'ble Sri Nabakrushna Choudhury]

ପର୍ଯ୍ୟନ୍ତ ଚୌଦ୍ୱାର ଥର୍ମାଲ ଷ୍ଟେସନରୁ ବିଦ୍ୟୁତଶକ୍ତି ନେବାପାଇଁ କଟକ-ଭୁବନେଶ୍ୱର ଲାଇନକୁ ଶୀଘ୍ର ଶେଷ କରିବାର ବ୍ୟବସ୍ଥା କରାଯାଉଛି । ୧୯୫୦ ମସିହା ସେପ୍ଟେମ୍ବର ମାସଠାରୁ ଗୋଟିଏ "ୟୁଟିଲାଇଜେସନ ଡିଭିଜନ" ବା ବିଦ୍ୟୁତ୍ ଉପଯୋଗ ବିଭାଗ ସ୍ଥାପିତ ହୋଇଛି ।

ମାଛକୁଣ୍ଡ ଓ ହୀରାକୁଦର ମୁଖ୍ୟ ଯୋଜନା ଦୁଇଟିର କାର୍ଯ୍ୟ ପୂରା ବେଗରେ ଚାଲିଛି । ପ୍ରଥମ ଯୋଜନାଟିକୁ ଭାରତ ସରକାରଙ୍କ ଋଣ ସାହାଯ୍ୟରେ ମାନ୍ଦ୍ରାଜ ଓ ଓଡ଼ିଶା ସରକାର ଯଥାକ୍ରମେ ଶତକଡ଼ା ୭୦ ଓ ୩୦ ଭାଗ ହାରରେ ଅର୍ଥ ଯୋଗାଉ ଅଛନ୍ତି ଓ ମାନ୍ଦ୍ରାଜ ସରକାର ଏହି ଯୋଜନାଟିକୁ କାର୍ଯ୍ୟକାରୀ କରୁଅଛନ୍ତି । ଏହି ପ୍ରକାର ଋଣରୁ କେବଳ ଓଡ଼ିଶା ସରକାର ହୀରାକୁଦ ଯୋଜନା ପାଇଁ ଅର୍ଥ ଯୋଗାଉ ଅଛନ୍ତି । ଏହି ଯୋଜନାକୁ କାର୍ଯ୍ୟକାରୀ କରିବାର ଭାର କେନ୍ଦ୍ର ଜଳପଥ, ଜଳସେଚନ ଓ ନୌଚାଳନ କମିସନ୍ ( C. W. I. N. C. ) ବା ସି. ଡବଲ୍ୟୁ. ଆଇ. ଏନ. ସି. ଙ୍କ ଉପରେ ନ୍ୟସ୍ତ କରା ଯାଇଛି ଓ ଭାରତ ସରକାର ଏଥିପାଇଁ ସମସ୍ତ ବୈଷୟିକ ଓ ଅର୍ଥନୈତିକ ମଞ୍ଜୁରି ଦେଇ ଥାଆନ୍ତି । ହୀରାକୁଦରେ ଭାରତ ସରକାର ଜଣେ ଅର୍ଥନୈତିକ ଉପଦେଷ୍ଟା ( ବା ଫାଇନାନସିଆଲ ଆଡ଼ଭାଇଜର ) ଓ ଜଣେ ଚିଫ୍ ଏକାଉଣ୍ଟସ୍ ଅଫିସର ମଧ୍ୟ ନିଯୁକ୍ତ କରି ଅଛନ୍ତି ।

ବ୍ୟବସ୍ଥାପକ ସଭାର ମାନ୍ୟବର ସଭ୍ୟମାନଙ୍କୁ ମୋର ବିଶେଷ ଅନୁରୋଧ ଯେ ସେମାନେ ଏହି ଦୁଇଟି ସ୍ଥାନ ପରିଦର୍ଶନ କରି ଆମ୍ଭମାନଙ୍କର କାର୍ଯ୍ୟର ବିରାଟତା ଉପଲବ୍ଧି କରନ୍ତୁ । ମୋର ତିଳେ ହେଲେ ସନ୍ଦେହ ନାହିଁ ଯେ, ଭାରତୀୟ ଇଞ୍ଜିନିୟରମାନେ ସ୍ୱାଧୀନ ଭାରତରେ କି କାର୍ଯ୍ୟ କରି ପାରନ୍ତି ତାହା ସ୍ୱଚକ୍ଷୁରେ ଦେଖି ସାରିବା ପରେ ସେମାନେ ଅଧିକତର ଜାତୀୟ ଗର୍ବ ଓ ଆତ୍ମ ବିଶ୍ୱାସର ସହିତ ସେଠାରୁ ଫେରିଆସିବେ ।

ଆମ୍ଭମାନଙ୍କର ନିଜର ବହୁ ତ୍ରୁଟି ରହିଅଛି ତାହା ଭଲରୂପେ ଜାଣିଥିବା ହେତୁ ମୁଁ ଆତ୍ମତୃପ୍ତିମୂଳକ ଭାବକୁ କେବେ ହେଲେ ଉତ୍ସାହିତ କରିପାରିବି ନାହିଁ । ମୁଁ ଜାଣେ, ଆମ୍ଭମାନଙ୍କୁ ଅଧିକ ଦାୟିତ୍ୱ ବୋଧ ବଢ଼ାଇବାକୁ ହେବ ଏବଂ କେଉଁ ବିଷୟଟି କରୁଛୁ ସେ ବିଷୟ ବୁଝିବାକୁ ହେବ ଏବଂ ବର୍ତ୍ତମାନଠାରୁ ଅଧିକ ପରିଶ୍ରମର ସହିତ କାର୍ଯ୍ୟ କରିବାକୁ ହେବ । ତାହାପରେ ଯାଇ ଆମ୍ଭେମାନେ ପୃଥିବୀର ଅନ୍ୟାନ୍ୟ ପ୍ରଗତିଶୀଳ ଜାତିମାନଙ୍କ ସହିତ ଗୋଟିଏ ଜାତିରୂପେ ପ୍ରକୃତରେ ଆଗେଇ ଚାଲିଯାଇ ପାରିବା । କିନ୍ତୁ ବହୁକାଳ ପରାଧୀନ ରହିବା ଫଳରେ ସବୁ କଥାରେ ନିଜକୁ ଛୋଟ ମନେ କରିବାର ମନୋଭାବ ଆମ୍ଭମାନଙ୍କ ଠାରେ ଦେଖା ଦେଇଅଛି । ଏହି ମନୋଭାବ ଆମ୍ଭମାନଙ୍କୁ ଯେପରି ଗ୍ରାସ ନ କରେ ସେଥିପାଇଁ ଚେଷ୍ଟା କରିବାକୁ ହେବ । ଜୀବନର ସମସ୍ତ ବିଭାଗରେ ଆମ୍ଭମାନଙ୍କଠାରେ ବହୁ ପରିମାଣରେ ଶିଥିଳତା, ଅପାରଗତା, ସ୍ୱାର୍ଥପରତା ଓ ଦୁର୍ନୀତି ମଧ୍ୟ ରହିଅଛି; କିନ୍ତୁ ଅତୀତରୁ ଆମ୍ଭେମାନେ ଏହି ସବୁଥିରେ ଅଭ୍ୟସ୍ତ ହୋଇ ଆସିଅଛୁ । ଜାତୀୟ ସ୍ୱାଧୀନତାର ପ୍ରବାହରେ ଏସବୁ ଅବିଳମ୍ବେ ଅବଶ୍ୟ ଭାସିଯିବ । ଚାଲନ୍ତୁ, ଆମ୍ଭେମାନେ ନିଜ ନିଜଠାରେ ଓ ଆମ୍ଭମାନଙ୍କ ଭବିଷ୍ୟତରେ ବିଶ୍ୱାସ ସ୍ଥାପନ କରିବା । ଭାରତର ଅଧିବାସୀଗଣ ବର୍ତ୍ତମାନ ସମ୍ପୂର୍ଣ୍ଣ ସ୍ୱାଧୀନ, ଏ ସମ୍ବାଦ ଦୁର୍ଭାଗ୍ୟବଶତଃ ଭାରତର ସମତଳ ଓ ପାର୍ବତ୍ୟ ଅଞ୍ଚଳର ଘରେ ଘରେ ଆଜିପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ । ଆଜି ଆମ୍ଭମାନଙ୍କ ଭିତରୁ କେତେଜଣ ପ୍ରକୃତରେ ଅନୁଭବ କରୁଅଛନ୍ତି ଯେ ଆମ୍ଭେମାନେ ଭାରତର ସାଧାରଣ ନରନାରୀମାନେ ନିଜ ଇଚ୍ଛାନୁସାରୀ ଆମ୍ଭମାନଙ୍କ ଦେଶର ଭବିଷ୍ୟତ ଗଠନ କରିବାର ଶକ୍ତିର ଅଧିକାରୀ ? ଆମ୍ଭମାନଙ୍କର ଜାତୀୟ ସ୍ଥିତିରେ (Status) ଯେଉଁ ବିରାଟ ପରିବର୍ତ୍ତନ ଘଟିଅଛି, ସେକଥା ଆମ୍ଭମାନଙ୍କ ଭିତରୁ କେତେଜଣ ହୃଦୟଙ୍ଗମ କରିଅଛନ୍ତି ? ଭାରତରେ ଯେଉଁ ଶାନ୍ତିରେ ଏହି ବିରାଟ ରାଜନୈତିକ ପରିବର୍ତ୍ତନ ଘଟିଲା, ସେ କଥା ଜନ ସାଧାରଣ ଜାଣି ନଥିବାଯୋଗୁଁ ଏପରି ହୋଇଅଛି ବୋଲି ମୋର ବିଶ୍ୱାସ । ଆମ୍ଭେମାନେ ସାଧାରଣତନ୍ତ୍ର ସମ୍ବିଧାନ ଅନୁସାରେ ପ୍ରଥମ ନିର୍ବାଚନ କରିବାକୁ ଯାଉଅଛୁଁ । ମୋ ମନରେ ସନ୍ଦେହ ନାହିଁ ଯେ, ଯଦି ରାଜନୈତିକଦଳମାନେ ଜନସାଧାରଣଙ୍କ ପାଖକୁ ଯାଆନ୍ତି ଏବଂ ଆମ୍ଭମାନଙ୍କ ଲୋକମାନଙ୍କ ଭିତରୁ ଯେଉଁ ସଂଖ୍ୟାଲଘୁମାନେ ସାଧାରଣ ସଭାରେ ଯୋଗ ଦିଅନ୍ତି, ସେମାନଙ୍କ ପାଖରେ

ସେମାନେ ପରସ୍ପରଙ୍କ ଭିତରେ ବାଦାନୁବାଦ କରି କେବଳ ଲଢ଼ାପଟ୍ଟ ନେବାରେ ସନ୍ତୁଷ୍ଟ ନରହନ୍ତି, ତାହାହେଲେ ସାଧାରଣ ନିର୍ବାଚନରେ ଜନସାଧାରଣଙ୍କଠାରେ ପ୍ରଗତିକାମୀ ରାଜନୈତିକ ଚେତନା ଜାଗ୍ରତ ହେବ । କେବଳ ଏହି ଚେତନା ବଳରେ ଜାତିର ଗଠନମୂଳକ ଓ ବିକାଶମୂଳକ କାର୍ଯ୍ୟକଳାପ ଶକ୍ତିମନ୍ତ ହୋଇ ଉଠିବ । ଏହାପରେ ଯେଉଁ ରାଜନୈତିକ ଦଳ କ୍ଷମତା ଲାଭ କଲେ ମଧ୍ୟ ସେଥିରେ କିଛି ଯାଏ ଆସେ ନାହିଁ ।

ଆସନ୍ତୁ ବର୍ତ୍ତମାନ ବଜେଟର ହିସାବ ପତ୍ର ଆଲୋଚନା କରିବା । ବଜେଟର ସଂଶୋଧିତ ଅଟକଳରେ ପ୍ରକାଶିତ ହୋଇଥିବା ମତେ ଚଳିତ ଆର୍ଥିକ ବର୍ଷରେ ସରକାର କିପରି କାର୍ଯ୍ୟ କରିପାରୁଛନ୍ତି, ସେ ବିଷୟ ଆପଣମାନଙ୍କୁ ସଂକ୍ଷେପରେ ବୁଝାଇବା ପାଇଁ ମୁଁ ପ୍ରଥମେ ଅଗ୍ରସର ହେଉଅଛି ।

୧୯୫୦– ୫୧ ମସିହାର ସଂଶୋଧିତ ଅଟକଳ

ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଗତ ବର୍ଷ ମାର୍ଚ୍ଚ ମାସରେ ବ୍ୟବସ୍ଥାପକ ସଭାରେ ୧୯୫୦-୫୧ ମସିହାର ବଜେଟ ପେଶ କଲାବେଳେ ସଂକ୍ଷେପରେ କହିଥିଲେ ଯେ ୧୯୪୯-୫୦ ମସିହା ଶେଷରେ ଓ ୧୯୫୦-୫୧ ମସିହା ଆରମ୍ଭରେ ୮·୬୩ ଲକ୍ଷ ଟଙ୍କା ବଳକା ରହିବ । ପ୍ରକୃତରେ ୧୯୫୦-୫୧ ମସିହା ଆରମ୍ଭରେ ୬୮·୧୭ ଲକ୍ଷ ଟଙ୍କା ବଳକା ରହିଥିଲା । ସେଥିରେ ରାଜସ୍ୱ ବାବଦ ମୋଟ ୬·୩୭ ଲକ୍ଷ ଟଙ୍କା ବଳକା ଥିଲା ଏବଂ ପ୍ରଥମେ ଆଶା କରାଯାଇଥିବା ମତେ ୯୪·୦୭ ଲକ୍ଷ ଟଙ୍କା ନିଅଣ୍ଟ ପଡ଼ିଥିଲା । ଏହିରୂପେ ରାଜସ୍ୱ ହିସାବରେ ପ୍ରଥମରୁ ୯୭·୪୪ ଲକ୍ଷ ଟଙ୍କା ବଳକା ରହିଲା । ଯାହା ପ୍ରଥମରୁ ଆଶା କରାଯାଇଥିଲା ତାହା ତୁଳନାରେ ରାଜସ୍ୱ ହିସାବରେ (Revenue Accounts) କମ ଖର୍ଚ୍ଚ ହେବାରୁ ଏପରି ଘଟିଲା । ୧୯୫୦-୫୧ ମସିହାରେ ୧୦୬୫·୮୧ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ଓ ୧୧୫୯·୮୮ ଲକ୍ଷ ଟଙ୍କା ରାଜସ୍ୱ ବାବଦରେ ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଥିଲା । ଏହିରୂପେ ୭୫·୯୫ ଲକ୍ଷ ଟଙ୍କା ରାଜସ୍ୱ ନିଅଣ୍ଟ ପଡ଼ିଲା । ବର୍ତ୍ତମାନର ସଂଶୋଧିତ ଅଟକଳ ଅନୁଯାୟୀ ରାଜସ୍ୱ ଆଦାୟ ୧୧୩୧·୯୯ ଲକ୍ଷ ଟଙ୍କା ଓ ଖର୍ଚ୍ଚ ୧୩,୨୬·୬୮ ଲକ୍ଷ ଟଙ୍କା । ରାଜସ୍ୱ ହିସାବରେ ବର୍ଷର ପ୍ରଥମରେ ଯେଉଁ ୬·୩୭ ଲକ୍ଷ ଟଙ୍କା ବଳକା ଥିଲା, ଉପରେ ଲିଖିତ ମତେ ୧୯୪·୬୯ ଲକ୍ଷ ଟଙ୍କା ରାଜସ୍ୱ ନିଅଣ୍ଟ ପଡ଼ିବା ହେତୁ ତାହା କମିଯାଇ ୧୯୧·୯୩ ଲକ୍ଷ ଟଙ୍କା ନିଅଣ୍ଟ ପଡ଼ିବାର ସମ୍ଭାବନା ।

ରାଜସ୍ୱ ହିସାବ ବ୍ୟତୀତ ୫୦୬·୨୫ ଲକ୍ଷ ଟଙ୍କା ଆଦାୟ ଓ ୫୮୪୫·୯୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି । ଫଳରେ ପ୍ରଥମେ ୬୪·୩୯ ଲକ୍ଷ ଟଙ୍କା ବଳକା ପଡ଼ିବ ବୋଲି ଯାହା ଅଟକଳ ହୋଇଥିଲା ତା ନହୋଇ ୬୭·୩୪ ଲକ୍ଷ ଟଙ୍କା ବଳକା ପଡ଼ିବ । ଫଳତଃ ରାଜସ୍ୱ ହିସାବ ଓ ରାଜସ୍ୱ ହିସାବ ବ୍ୟତୀତ ଅନ୍ୟ ହିସାବ ଏ ଉଭୟ ଫଳରେ ଚଳିତ ବର୍ଷର କାରବାର ବର୍ଷର ପ୍ରଥମରେ ବଳକା ଥିବା ସର୍ବମୋଟ ୬୮୧୭ ହଜାର ଟଙ୍କାରୁ କମି ୧୦୬୧ ହଜାର ଟଙ୍କା ହେବ ।

ବର୍ତ୍ତମାନ ପ୍ରସ୍ତୁତ ସଂଶୋଧିତ ଅଟକଳ ଅନୁଯାୟୀ ନିମ୍ନଲିଖିତ ମତେ ୬୬,୧୮ ଲକ୍ଷ ଟଙ୍କା ରାଜସ୍ୱ ବଳକା ହୋଇଛି । ଯଥାଃ—

| | ମଞ୍ଜୁର ପାଇଥିବା ଅଟକଳ | ସଂଶୋଧିତ ଅଟକଳ | ଫରକ |
|---|---|---|---|
| | ହଜାର ଟଙ୍କା | ହଜାର ଟଙ୍କା | ହଜାର ଟଙ୍କା |
| ଆୟକର | ୧,୫୫,୪୮ | ୧,୫୩,୧୪ | (—)୨,୩୪ |
| ଅନ୍ୟାନ୍ୟବାବଦ ରାଜସ୍ୱ | ୭,୭୯,୬୯ | ୭,୮୪,୮୪ | (+)୫,୧୫ |
| ଜୋଟ ରପ୍ତାନୀ ଶୁଳ୍କରୁ ମିଶାଇ ଭାରତ ସରକାରଙ୍କ ଠାରୁ ସାହାଯ୍ୟ | ୪୦,୦୦ ୫,୦୦ | ୬୧,୦୦ | (+)୧୬,୦୦ |
| ଭାରତ ସରକାରଙ୍କ ଠାରୁ ଗ୍ରାଣ୍ଟ | ୮୬,୦୪ | ୧,୩୩,୦୧ | (+)୪୬,୯୭ |
| ମୋଟ .. | ୧୦,୬୫,୮୧ | ୧୧,୩୧,୯୯ | (+)୬୬,୧୮ |